ଧରିତ୍ରୀ
DHARITRI
ଶନିବାର, ୪ ସେପ୍ଟେମ୍ବର, ୨୦୨୧

## ବାପାଙ୍କୁ ମାଡ଼ ମାରି ପୁଅ ଗିରଫ

ବଇଣ୍ଡା,(ଡି.ଏନ.ଏ.)- କିଶୋରନଗର ବ୍ଲକ ହଣ୍ଡପା ଥାନା ଗାଁ ବଇଣ୍ଡା ଗ୍ରାମର ନନ୍ଦ କିଶୋର ପୋଢ଼ଙ୍କୁ ତାଙ୍କ ପୁଅ ନାରାୟଣ ପୋଢ଼ ଏକ ଠେଙ୍ଗାରେ ମାଡ଼ ମାରିଥିବା ଗୁରୁବାର ରାତିରେ ବଇଣ୍ଡା ଫାଣ୍ଡିରେ ଅଭିଯୋଗ ହୋଇଛି। ପୋଲିସ ନମ୍ବର ୨୧୩/୨୧ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ନାରାୟଣଙ୍କୁ ଗିରଫ କରିଛି। ପୋଲିସ କହିଛି, ଘରୋଇ କଳିକୁ ନେଇ ନନ୍ଦକିଶୋର ଘରେ ବସିଥିବାବେଳେ ନାରାୟଣ ଏକ ଠେଙ୍ଗାରେ ତାଙ୍କୁ ଆକ୍ରମଣ କରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି।



**ସଂକ୍ଷେପରେ**

## ୨୬ ସଂକ୍ରମିତ ଚିହ୍ନଟ, ଜଣେ ମୃତ

ଢେଙ୍କାନାଳ ଅଫିସ, ୩।୯-ଢେଙ୍କାନାଳ ଜିଲାରୁ ଦିନକରେ ୨୬ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୯ଜଣ ସୁସ୍ଥ ହୋଇଛନ୍ତି। ଏଥିସହିତ ଜଣେ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ନୂଆ ମାମଲା ମଧ୍ୟରେ ହିନ୍ଦୋଳ ବ୍ଲକର ୫, ଢେଙ୍କାନାଳ ପୌରାଞ୍ଚଳର ୧୧, ଓଡ଼ାପଡ଼ା ବ୍ଲକର ୪, କାମାକ୍ଷାନଗର ବ୍ଲକର ୨, କଙ୍କଡ଼ାହାଡ଼ ବ୍ଲକର ୨, ସଦର ବ୍ଲକର ଜଣେ ଏବଂ ଅନ୍ୟ ଚିକିତ୍ସାଳୟର ଜଣେ ରହିଛନ୍ତି। ଜିଲାରେ ଏବେ ୧୫୭ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ଥିବାବେଳେ ମୋଟ୍ କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା ୨୩୯ରେ ପହଞ୍ଚିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଅନୁଗୋଳରେ ୨୦ ପଜିଟିଭ୍

ଅନୁଗୋଳ ଅଫିସ, ୩।୯- ଅନୁଗୋଳ ଜିଲାରୁ ଶୁକ୍ରବାର ୨୦ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୪୪ ହଜାର ୧୦୧ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ବଅଁରପାଳ ବ୍ଲକରୁ ୪ଜଣ, କଣିହାଁ ବ୍ଲକରୁ ୪, କିଶୋରନଗର ବ୍ଲକରୁ ୪, ତାଳଚେର ବ୍ଲକରୁ ୩, ଅନୁଗୋଳ ବ୍ଲକରୁ ୩ ଓ ଛେଣ୍ଡିପଦ ବ୍ଲକରୁ ୨ଜଣ ରହିଛନ୍ତି। ଅନ୍ୟପକ୍ଷରେ ଦିନକରେ ଜିଲାରୁ ୨୭ଜଣ କରୋନାରୁ ସୁସ୍ଥ ହୋଇଛନ୍ତି।

## ୨ ଶିକାରୀ ଗିରଫ, ବନ୍ଧୁକ ଜବତ



ଢେଙ୍କାନାଳ ଅଫିସ, ୩।୯-ଢେଙ୍କାନାଳ ସଦର ରେଞ୍ଜ୍ ବେଲବଣିଆ ସଂରକ୍ଷିତ ଜଙ୍ଗଲରୁ ଶୁକ୍ରବାର ୨ ଶିକାରୀଙ୍କୁ ବନ କର୍ମଚାରୀ ଗିରଫ କରିଛନ୍ତି। ସେମାନେ ହେଲେ ସଦର ଥାନା କୃଷ୍ଣପ୍ରସାଦ ଶବରସାହିର ବିନୋଦ ଦେହୁରୀ (୩୮) ଏବଂ ଘଟିପିରିର ମନୋଜ ସାହୁ (୨୯)। ସେମାନଙ୍କଠାରୁ ଦେଶୀ ବନ୍ଧୁକ, ସ୍ୱଟ୍ ଲାଇଟ ଜବତ କରାଯାଇଛି। ସଂରକ୍ଷିତ ଜଙ୍ଗଲରେ ଶିକାରୀଙ୍କ ଉପସ୍ଥିତି ସମ୍ପର୍କରେ ସୂଚନା ପାଇ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା।

## ସ୍ତ୍ରୀଙ୍କ ଦେହରେ ନିଆଁ ଲଗାଇଦେଲେ ସ୍ୱାମୀ

କଣିହାଁ, ୩।୯(ଡି.ଏନ.ଏ.)- ଅନୁଗୋଳ ଜିଲା କଣିହାଁ ଥାନା ଗୁଣ୍ଡୁରୀ ଗ୍ରାମର ଜଣେ ମହିଳାଙ୍କ ଦେହରେ ତାଙ୍କ ସ୍ୱାମୀ କିରୋସିନି ଢାଳି ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ଥାନାରେ ମାମଲା ରୁଜୁ ହୋଇଥିଲେ ମଧ ଖବର ଲେଖାହେବା ବେଳକୁ କାହାରିକୁ ଗିରଫ କରାଯାଇ ନାହିଁ। ଆଇଆଇସି ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ଓ ତଦନ୍ତକାରୀ ଏସ୍‌ଆଇ ସ୍ମିତାଞ୍ଜଳି ପ୍ରଧାନ କହିଛନ୍ତି, ଗତ ୨୭ ତାରିଖରେ ପାରିବାରିକ ବିବାଦ, ଯୌତୁକ ଜନିତ ସମସ୍ୟା ସହିତ ଅନ୍ୟ କାରଣକୁ ନେଇ ଗୁଣ୍ଡୁରୀ ଗ୍ରାମର ଦିନବନ୍ଧୁ ବେହେରା ଓ ସ୍ତ୍ରୀ ଛେଣ୍ଡିପଦା ବ୍ଲକ ନିଶା ଥାନା ବାଲିଚନ୍ଦ୍ରପୁର ଗ୍ରାମର ଆରତୀ ବେହେରାଙ୍କ ମଧ୍ୟରେ କଳହ ଲାଗିଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଦିନବନ୍ଧୁ ସ୍ତ୍ରୀ ଆରତୀଙ୍କ ଦେହରେ ନିଆଁ ଲଗାଇ ଦେଇଥିଲେ। ଚିକିତ୍ସା ପାଇଁ ଆରତୀଙ୍କୁ କଟକ ବଡ଼ ମେଡିକାଲ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଆରତୀଙ୍କ ଗୁରୁବାର ମୃତ୍ୟୁ ହୋଇଥିବା ତାଙ୍କ ମା' କାଞ୍ଚନ ବେହେରାଙ୍କ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୨୨୬/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଗାଡ଼ିଆରେ ବୁଡି ବୃଦ୍ଧା ମୃତ

ଛେଣ୍ଡିପଦା,୩।୯(ସ୍ୱ.ପ୍ର.)- ଛେଣ୍ଡିପଦା ଥାନା ପାତ୍ରପଦା ପଞ୍ଚାୟତ ପିପଳବାହାଲ ଗ୍ରାମ ନିକଟରେ ଥିବା ଗାଡିଆରେ ବୁଡି ଗୁରୁବାର ସେହି ଗ୍ରାମର ଜେମା ପ୍ରଧାନଙ୍କ ମୃତ୍ୟୁ ଘଟିଛି। ଜେମା ସକାଳେ ବିରି ତୋଳିବାକୁ ଘରଠାରୁ ୨କି.ମି ଦୂରରେ ଥିବା ବଗିଚାକୁ ଯାଇଥିଲେ। କିନ୍ତୁ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକ ଓ ଗ୍ରାମବାସୀ ବହୁ ଖୋଜାଖୋଜି କରିଥିଲେ। ଶେଷରେ ଗ୍ରାମ ନିକଟସ୍ଥ ଗାଡିଆରେ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ପରିବାର ଲୋକେ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ୯୦ ପ୍ରତିଶତ ଫେରିଲେଣି ଚୁଲିକୁ

- ଗରିବ ମହିଳାଙ୍କୁ ବାଧୁଛି ରନ୍ଧନ ଗ୍ୟାସ୍ ଦର ବୃଦ୍ଧି
- ଜୁନରେ ଥିଲା ୮୫୩, ସେପ୍ଟେମ୍ବରରେ ୯୨୮.୫୦ ଟଙ୍କା
- ଆଠମଲ୍ଲିକ ଉପଖଣ୍ଡରେ ଉଜ୍ଜ୍ୱଳା ଯୋଜନା ଲିଭିବା ଉପରେ

ପରିକ୍ଷିତ ସାହୁ
ବଇଣ୍ଡା,୩।୯



ମାଟି ଚୁଲି ଧୂଆଁ ଯନ୍ତ୍ରଣାରୁ ମୁକ୍ତି ପାଇବେ ଗରିବ ପରିବାରର ମହିଳା। ଶ୍ୱାସଜନିତ ରୋଗରେ ପଡ଼ିବେନି ଏହି ମା'ମାନେ। ଉକ୍ତ ଉଦ୍ଦେଶ୍ୟରେ ଉଜ୍ଜ୍ୱଳା ଯୋଜନା ଆରମ୍ଭ କରିଥିଲେ କେନ୍ଦ୍ର ସରକାର। ବିନା ମୂଲ୍ୟରେ ଏପରି ମହିଳାମାନଙ୍କୁ ଯୋଗାଇ ଦେଇଥିଲେ ରନ୍ଧନ ଗ୍ୟାସ୍ ସଂଯୋଗ। ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡର ୨୫ ହଜାର ଗରିବ ପରିବାରର ମହିଳା ଉଜ୍ଜ୍ୱଳା ଯୋଜନାର ଉପଭୋକ୍ତା ସାଜିଥିଲେ। ଧୂଆଁମୁକ୍ତ ରୋଷେଇକୁ ନେଇ ଖୁସି ହେଉଥିଲେ। ହେଲେ ବର୍ଷ କେଇଟା ନ ଯାଉଣୁ ପୁଣି ଧୂଆଁଯୁକ୍ତ ଜୀବନକୁ ଆଦରି ନେଇଛନ୍ତି ଉପଖଣ୍ଡର ବହୁ ମହିଳା। ରନ୍ଧନ ଗ୍ୟାସ୍‌ର ଅହେତୁକ ଦର ବୃଦ୍ଧି ଏଠାକାର ପ୍ରାୟ ୯୦ ପ୍ରତିଶତ ଉଜ୍ଜ୍ୱଳା ଉପଭୋକ୍ତାଙ୍କୁ ମାଟି ଚୁଲି ପାଖକୁ ଫେରାଇ ନେଇଛି।

ଆଠମଲ୍ଲିକ ଉପଖଣ୍ଡରେ ଥିବା ୪ ବିତରକ ସଂସ୍ଥା ଗ୍ରାହକଙ୍କୁ ରନ୍ଧନ ଗ୍ୟାସ୍ ସେବା ଯୋଗାଇ ଦେଉଛନ୍ତି। ସେମାନେ ଆଠମଲ୍ଲିକ ବ୍ଲକର ୨୪ଟି ପଞ୍ଚାୟତ, ଆଠମଲ୍ଲିକ ଏନ୍‌ଏସି ଓ କିଶୋରନଗର ବ୍ଲକର ୨୩ପଞ୍ଚାୟତରେ ଗ୍ୟାସ୍ ସଂଯୋଗ ନେଇଥିବା ମୋଟ୍ ୩୯ ହଜାର ୬୭୭ ଜଣଙ୍କ ଘରେ ସିଲିଣ୍ଡର ପହଞ୍ଚାଉଛନ୍ତି। ଏମାନଙ୍କ ମଧ୍ୟରେ ଉଜ୍ଜ୍ୱଳା ଉପଭୋକ୍ତାଙ୍କ ସଂଖ୍ୟା ହେଲା ୨୫ ହଜାର ୩୬୧। କେବଳ ଆଠମଲ୍ଲିକ ଅଞ୍ଚଳରେ ୧୨ ହଜାର ୫୫୩ ଜଣ ରନ୍ଧନ ଗ୍ୟାସ୍ ଗ୍ରାହକ ଥିବାବେଳେ ସେଥିମଧ୍ୟରୁ ୬ ହଜାର ୩୫୪ ହେଉଛନ୍ତି ଉଜ୍ଜ୍ୱଳା ଯୋଜନା ହିତାଧିକାରୀ। ସେହିପରି ଠାକୁରଗଡ ଅଞ୍ଚଳ ପାଇଁ ନିଯୁକ୍ତ ବିତରକଙ୍କ ନିକଟରୁ ୩ ହଜାର ୪୫୪ ଜଣ ଗ୍ୟାସ୍ ସଂଯୋଗ ନେଇଛନ୍ତି। ସେମାନଙ୍କ ମଧ୍ୟରୁ ଉଜ୍ଜ୍ୱଳା ଯୋଜନାରେ ୨ ହଜାର ୫୨୦ ଜଣ ଉପକୃତ ହୋଇଛନ୍ତି। କିଶୋରନଗର ବ୍ଲକ ବଇଣ୍ଡା ଅଞ୍ଚଳରେ ଥିବା ବିତରକଙ୍କ ନିକଟରେ ୧୦ ହଜାର ୧୩୯ ଜଣ ଗ୍ରାହକ ପଞ୍ଜୀକୃତ ହୋଇଛନ୍ତି। ସେଥିମଧ୍ୟରୁ ୭ ହଜାର ୨୫୧ ଜଣ ଉଜ୍ଜ୍ୱଳା ଯୋଜନାରେ ଅନ୍ତର୍ଭୁକ୍ତ। ଏଥିସହ କିଶୋରନଗର ଅଞ୍ଚଳରେ ୧୩ ହଜାର ୫୫୧ ଜଣ ଗ୍ୟାସ୍ ଗ୍ରାହକ ଥିବାବେଳେ ସେଥିମଧ୍ୟରୁ ୯ ହଜାର ୨୩୬ ଜଣ ଉଜ୍ଜ୍ୱଳା ଯୋଜନାରେ ବିନା ମୂଲ୍ୟରେ ସଂଯୋଗ ପାଇପାରିଛନ୍ତି। କିନ୍ତୁ ପ୍ରତିମାସରେ ଗ୍ୟାସ୍ ସିଲିଣ୍ଡର ମୂଲ୍ୟରେ ବୃଦ୍ଧି ଘଟୁଥିବାରୁ ସାଧାରଣ ଗ୍ରାହକ ଚିନ୍ତାରେ ପଡ଼ିଛନ୍ତି। ଅନ୍ୟ ଖର୍ଚ୍ଚ କାଟ୍ କରି ସେମାନେ ସିଲିଣ୍ଡର କିଣିବାକୁ ବାଧ ହେଉଛନ୍ତି। ହେଲେ ଉଜ୍ଜ୍ୱଳା ହିତାଧିକାରୀ ସାଜିଥିବା ଗରିବ ପରିବାରର ମହିଳାମାନେ ଏହି ବର୍ଦ୍ଧିତ ଖର୍ଚ୍ଚ ଭରଣା ପାଇଁ ସକ୍ଷମ ହେଉନାହାନ୍ତି। ଫଳରେ ଗ୍ୟାସ୍ ସିଲିଣ୍ଡର କିଣିବାଠାରୁ ସେମାନେ ଦୂରେଇବାରେ ଲାଗିଛନ୍ତି। ୨୦୨୧ ଜୁନରେ ଗ୍ୟାସ ସିଲିଣ୍ଡର ଦର ୮୫୩ ଟଙ୍କା ଥିଲା। ଜୁଲାଇ ମାସରେ ଏହା ୮୭୮.୫୦ ଟଙ୍କାକୁ ବୃଦ୍ଧି ପାଇଲା। ସେହିପରି ଅଗଷ୍ଟ ମାସରେ ଦର ୯୦୩.୫୦ ଟଙ୍କା ଥିବାବେଳେ ସେପ୍ଟେମ୍ବର ଆରମ୍ଭରୁ ପୁଣି ୨୫ ଟଙ୍କା ବଢି ୯୨୮.୫୦ ଟଙ୍କାରେ ପହଞ୍ଚିଛି। ୩ ମାସ ମଧ୍ୟରେ ସିଲିଣ୍ଡର ପିଛା ୭୫ ଟଙ୍କା ବଢ଼ାଯାଇଥିବାରୁ ଉପଖଣ୍ଡର ଉଜ୍ଜ୍ୱଳା ଉପଭୋକ୍ତାଙ୍କ ମଧ୍ୟରୁ ମାତ୍ର ୧୦ ପ୍ରତିଶତ ଏବେ ଗ୍ୟାସ୍ କିଣିବାରେ ସକ୍ଷମ ହେଉଛନ୍ତି। ଫଳରେ ଆଠମଲ୍ଲିକରେ ଏହି ସରକାରୀ ଯୋଜନାର ଦୀପ ଲିଭି ଲିଭି ଆସୁଥିବା ସାଧାରଣରେ ଆଲୋଚନା ହେଉଛି।

### ଥରକେ ୧୦୦୦ ଟଙ୍କା ଦେବା ଅସମ୍ଭବ



ରନ୍ଧନ ଗ୍ୟାସ୍ ଦର ପୂର୍ବାପେକ୍ଷା ୪୦ ପ୍ରତିଶତ ବୃଦ୍ଧି ପାଇଛି। ଗୋଟିଏ ସିଲିଣ୍ଡର କିଣିବାକୁ ହେଲେ ପାଖାପାଖି ହଜାରେ ଟଙ୍କା ଆବଶ୍ୟକ ପଡୁଛି। ଗରିବ ଖଟିଖିଆ ମଣିଷଙ୍କ ପାଖେ ଜାଳେଣି ବାବଦରେ ଥରକେ ଏତେ ଟଙ୍କା ଦେବା ଅସମ୍ଭବ।
-କୁମୁଦିନୀ ଗଡତିଆ, ପାଇକସାହି

### ଚୁଲି ଉପରେ ନିର୍ଭରଶୀଳତା ବଢୁଛି



ଗ୍ୟାସ୍ ମୂଲ୍ୟ ଯେପରି ଭାବେ ପ୍ରତି ମାସିରେ ବଢୁଛି, ସେଥିରେ ସିଲିଣ୍ଡର କିଣି ବ୍ୟବହାର କରିବା ସାଧାରଣ ଗ୍ରାହକଙ୍କ ପକ୍ଷେ କାଠିକର ପାଠ ହେଲାଣି। ଗରିବ ଶ୍ରେଣୀର ଲୋକଙ୍କ କଥା ନ କହିବା ଭଲ। ତେଣୁ ଚୁଲି ଉପରେ ପୁଣି ନିର୍ଭରଶୀଳତା ବଢୁଛି।
-ସରୋଜିନୀ ସାହୁ, ନାକିଚି

### ତୁରନ୍ତ ଦର ନିୟନ୍ତ୍ରଣ କରାଯାଉ



ଗରିବ ଶ୍ରେଣୀର ମହିଳାମାନେ ନିରାପଦରେ ରୋଷେଇ କରିବେ ବୋଲି କେନ୍ଦ୍ର ସରକାର ବିନା ମୂଲ୍ୟରେ ଗ୍ୟାସ୍ ସଂଯୋଗ ଦେଇଥିଲେ। କିନ୍ତୁ ଏବେ ଚଢ଼ା ଦରରେ ସିଲିଣ୍ଡର କିଣିବା ସେମାନଙ୍କ ପକ୍ଷେ ସମ୍ଭବ ହେଉନାହିଁ। ସରକାର ଦର ନିୟନ୍ତ୍ରଣ କରନ୍ତୁ।
-ସବିତା ସାହୁ, କେନ୍ଦୁନାଳି

### ଦିନକୁ ଥରେ ରୋଷେଇ



ଜାଳେଣି ଗ୍ୟାସ୍ ଯେପରି ମହଙ୍ଗା ହେଲାଣି ରୋଷେଇ ନ କମାଇଲେ ଖର୍ଚ୍ଚ ବହୁତ ବଢ଼ିଯିବ। ତେଣୁ ଗ୍ରାମାଞ୍ଚଳର ଅଧିକାଂଶ ସାଧାରଣ ପରିବାରର ମହିଳା ଦିନକୁ ଥରେ ରୋଷେଇ କରୁଛନ୍ତି। ଅନ୍ୟ ସମୟରେ ଚୁଲି ଭରସା।
-ସୁଷମା ପ୍ରଧାନ, ଠେଲକନାଳି

### ସିଲିଣ୍ଡର ବିକ୍ରି ହ୍ରାସ ପାଉଛି



ଗ୍ୟାସ୍ ଦରରେ ନିୟମିତ ବୃଦ୍ଧି ଘଟୁଥିବାରୁ ବ୍ୟବସାୟ ଦିନକୁ ଦିନ ହ୍ରାସ ପାଉଛି। ନୂଆ ଗ୍ରାହକ ଆଉ ପ୍ରାୟତଃ ହେଉନାହାନ୍ତି। ଯେଉଁମାନେ ପୂର୍ବରୁ ଗ୍ୟାସ୍ ବ୍ୟବହାର କରୁଥିଲେ, ସେମାନେ ମଧ ସିଲିଣ୍ଡର କିଣିବା କମାଇ ଦେଲେଣି।
-ମହେନ୍ଦ୍ର ପ୍ରଧାନ, ଗ୍ୟାସ୍ ବିତରକ

## ୧୧୯୦ ଲିଟର ତେଲ ଜବତ, ୩ ଗିରଫ

ଛେଣ୍ଡିପଦା,୩।୯(ସ୍ୱ.ପ୍ର.)

ଛେଣ୍ଡିପଦା ଥାନା ପୋଲିସ ଗୁରୁବାର ଚଢ଼ାଉ କରି ବେଆଇନ ଭାବେ ପରିବହନ କରାଯାଉଥିବା ୧୧୯୦ ଲିଟର ଚୋରା ଡିଜେଲ ଓ ପେଟ୍ରୋଲ ସହିତ ୨ଟି ପିକଅପ୍ ଭ୍ୟାନ ଜବତ କରିଛି। ଏହି ଘଟଣାରେ ଶୁକ୍ରବାର ବାଟଗାଁ ଅଞ୍ଚଳର ବିକାଶ ଷଣ୍ଢ, ରଞ୍ଜନ ଦେହୁରୀ ଏବଂ ଭୁବନପୁର ଅଞ୍ଚଳର ପ୍ରଶାନ୍ତ ନାଥଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ପୋଲିସ କହିଛି, ଶୁକ୍ରବାର ଅପରାହ୍ନରେ କୋଶଳା ଅଞ୍ଚଳରେ ପାଟ୍ରୋଲିଂ ଚାଲୁଥିବାବେଳେ ଏକ ପିକଅପ ଭ୍ୟାନରେ ଚୋରା ଡିଜେଲ ଓ ପେଟ୍ରୋଲ ଅନୁଗୋଳରୁ ୬୩ ନଂ ରାଜ୍ୟ ରାଜପଥରେ ଛେଣ୍ଡିପଦା ଅଭିମୁଖେ ଆସୁଥିବା ଖବର ମିଳିଥିଲା। କକୁରପେଟା ଡ୍ୟାମଠାରେ ପୋଲିସ ଗାଡିକୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚବେଳେ ୪୧୦ ଲିଟର ଡିଜେଲ ଓ ୪୫୦ ଲିଟର ପେଟ୍ରୋଲ ଜବତ କରାଯାଇଥିଲା। ଗାଡି ଚାଳକ ବିକାଶ ଷଣ୍ଢ ଓ ଗାଡିରେ ବସିଥିବା ରଞ୍ଜନ ଦେହୁରୀଙ୍କୁ ଅଟକ ରଖି ପଚାରାଉଚରାବେଳେ ଉକ୍ତ ଚୋରା ଡିଜେଲ ଓ ପେଟ୍ରୋଲ ନିଶା ଥାନା ଭୁବନପୁର ଅଞ୍ଚଳରୁ ସମ୍ବଲପୁର ଜିଲା ନାକିଟଦେଉଳ ଥାନା ନିଜଘର ବାଟଗାଁକୁ ଆଣୁଥିବା ଭୟରେ ପ୍ରକାଶ କରିଥିଲେ। ଏହାପରେ ଛେଣ୍ଡିପଦା ପୋଲିସ ନିଶା ଶିଳ୍ପାଞ୍ଚଳ ପୋଲିସ ସହାୟତାରେ ତେଲ ଚୋରା ଚାଲାଣ ହେଉଥିବା ଭୁବନପୁର ଅଞ୍ଚଳରେ ଚଢ଼ାଉ କରି ଗାଡ଼ି ସହ ଛୋଟ ବଡ ୪ଟି ଜାରକିନରେ ୩୩୦ଲିଟର ଡିଜେଲ ଜବତ କରିଥିଲା। ମୁଖ୍ୟ ଚାଲାଣକାରୀ ପ୍ରଶାନ୍ତ ନାଥକୁ ଗିରଫ କରିଥିଲା। ଏ ନେଇ ଛେଣ୍ଡିପଦା ଥାନାରେ ନଂ. ୪୧୪/୨୧ରେ ଏକ ମାମଲା ରୁଜୁ କରାଯାଇଛି।

## ଗୌରବ ଆଣିଲା କିକ୍ ବକ୍ସିଂ ଦଳ

ଅନୁଗୋଳ ଅଫିସ, ୩।୯



ପଦକ ଜିତିଥିବା ଅନୁଗୋଳ ଦଳର ଖେଳାଳି।

ଗୋଆରେ ଅନୁଷ୍ଠିତ ୱାକୋ ଇଣ୍ଡିଆ କିକ୍ ବକ୍ସିଂ ଚମ୍ପିୟନ୍‌ଶିପ୍‌ରେ ଅନୁଗୋଳ ଦଳ ଉନ୍ନତ ପ୍ରଦର୍ଶନ କରିଛି। ଅନୁଗୋଳ ଦଳ ୩ଟି ସ୍ୱର୍ଣ୍ଣ ପଦକ ସହ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରିଛି। ଖେଳାଳିମାନଙ୍କ ଏହି ବିଜୟ ରାଜ୍ୟ ସହ ଅନୁଗୋଳ ଜିଲା ପାଇଁ ଗୌରବ ଆଣିପାରିଛି। ଏହି ପ୍ରତିଯୋଗିତାରେ ଅନୁଗୋଳ ଦଳର ଶୈଳେନ୍ଦ୍ର ମହାନ୍ତି ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିବାବେଳେ ଟିମ୍ ଇଭେଣ୍ଟରେ ଶୈଳେନ୍ଦ୍ର ମହାନ୍ତି ଓ ଶକ୍ତିପ୍ରସାଦ ବାରିକ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଶକ୍ତି ପ୍ରସାଦ ବାରିକ ବ୍ରୋଞ୍ଜ ପଦକ ଜିତିଛନ୍ତି। ଏହି ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ବିଜେତାଙ୍କୁ କିକ୍ ବକ୍ସିଂ ଆସୋସିଏଶନ୍ ଅଫ୍ ଅନୁଗୋଳ ସମ୍ପାଦକ ଲକ୍ଷ୍ମୀଧର ମହାନ୍ତି ଶୁଭେଚ୍ଛା ଜଣାଇଛନ୍ତି। କରୋନା କଟକଣା ଯୋଗୁ ଦୀର୍ଘଦିନ ହେବ ଖେଳାଳିମାନଙ୍କ ଅଭ୍ୟାସ ବନ୍ଦ ରହିଥିଲା। କିନ୍ତୁ ଅନୁଗୋଳର ଖେଳାଳିମାନେ ଅନ୍‌ଲାଇନ୍ ସାହାଯ୍ୟରେ ପ୍ରଶିକ୍ଷଣ ନେଇ ଅଭ୍ୟାସ ଜାରି ରଖିଥିଲେ। ଦଳର ଏହି ସଫଳତା ପାଇଁ ୱାକୋ ଓଡ଼ିଶା ରାଜ୍ୟ ସଂଘ ମୁଖ୍ୟ ଉପଦେଷ୍ଟା ଭବାନୀ ପ୍ରସାଦ ମିଶ୍ର, ଅଧକ୍ଷ କାର୍ତ୍ତିକ ଡାକୁଆ ଏବଂ କିକ୍ ବକିଂ ଆସୋସିଏଶନ୍ ଅଫ୍ ଅନୁଗୋଳର ଅଧକ୍ଷ ମାନସ ରଞ୍ଜନ ପ୍ରଧାନ ପ୍ରମୁଖ ଟିମ ସଦସ୍ୟମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ୬ ଏକର ଫସଲ ନଷ୍ଟ

ବଇଣ୍ଡା,୩।୯(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ଧଣ୍ଡାତୋପା ରେଞ୍ଜ କାନ୍ତପଡା ଗ୍ରାମରେ ଗୁରୁବାର ରାତିରେ ହାତୀ ଉପଦ୍ରବ କରିଛନ୍ତି। ନିକଟସ୍ଥ ଜଙ୍ଗଲରୁ ହାତୀପଲ ଗ୍ରାମାଭିମୁଖୀ ହୋଇ ଗ୍ରାମର ଆନନ୍ଦ ପ୍ରଧାନ, ଆଜିତ ପ୍ରଧାନ, ବ୍ରଜବନ୍ଧୁ ପ୍ରଧାନ, ରୋହିତ ପୋଢ, ବିଚିତ୍ରା ସାହୁ, ସନ୍ତୋଷ ମିଶ୍ର, ବିରେନ ପ୍ରଧାନ, ସୁକାନ୍ତୀ ନାୟକ, ସୁନୀଲ ସାହୁ, ମାନସ ପ୍ରଧାନଙ୍କ ୬ ଏକର ଫସଲ ନଷ୍ଟ କରିଦେଇଛନ୍ତି। ଏଥିସହ ପନିପରିବା ଫସଲ ଦଳି ଚକଟି ଦେଇଛନ୍ତି। ହାତୀ ଉପଦ୍ରବ ରୋକିବା ପାଇଁ ଗ୍ରାମବାସୀ ବନବିଭାଗକୁ ଅବଗତ କରାଇଥିଲେ ମଧ କୌଣସି ସୁଫଳ ମିଳୁ ନାହିଁ। ରାତି ଅନିଦ୍ରା ରହି ଗ୍ରାମବାସୀ ହାତୀ ଘଉଡାଉଛନ୍ତି। ଏମିତି ହେଲେ ଗ୍ରାମବାସୀ ଆନ୍ଦୋଳନ କରିବେ ବୋଲି ବିଭାଗକୁ ଚେତାବନୀ ଦେଇଛନ୍ତି। ଏ ନେଇ ରେଞ୍ଜର ରବି ନାରାୟଣ ମହାନ୍ତି କହିଛନ୍ତି, ବନ ବିଭାଗ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯିବ। କ୍ଷତିଗ୍ରସ୍ତ ଚାଷୀମାନେ ଅନ୍‌ଲାଇନ୍‌ରେ କ୍ଷତି ପୂରଣ ପାଇଁ ଆବେଦନ କରନ୍ତୁ।

## ପର୍ଯ୍ୟଟନ ବିକାଶ ଉପରେ ଆଲୋଚନା

ଅନୁଗୋଳ ଅଫିସ, ୩।୯



ବୈଠକରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀ ଓ ସଂଘ କର୍ମକର୍ତ୍ତାମାନେ।

ଅନୁଗୋଳ ଜିଲାରେ ପର୍ଯ୍ୟଟନ କ୍ଷେତ୍ର ଭରି ରହିଛି। ଏସବୁ ପରିଦର୍ଶନ କରିବାକୁ ଆସୁଥିବା ପର୍ଯ୍ୟଟକମାନେ ଠିକ୍ ଭାବେ ରହିବା ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ସମ୍ପର୍କରେ ଅବଗତ ହୋଇପାରୁ ନାହାନ୍ତି। ଜିଲାରେ ଏସବୁ ବ୍ୟବସ୍ଥା ସେମାନଙ୍କ ନିକଟରେ କିଭଳି ଭାବେ ପହଞ୍ଚି ପାରିବ ଓ ଜିଲାକୁ ଅଧିକ ପର୍ଯ୍ୟଟକ ଆସିବେ ସେ ନେଇ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଶୁକ୍ରବାର ସର୍କିଟ ହାଉସ୍ ଠାରେ ହୋଟେଲ ଓ ରେଷ୍ଟୁରାଣ୍ଟ ସଂଘ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଛନ୍ତି।

ବୈଠକ ପ୍ରାରମ୍ଭରୁ ହୋଟେଲ ଓ ରେଷ୍ଟୁରାଣ୍ଟ ସଂଘ କର୍ମକର୍ତ୍ତାମାନେ ଅସନ୍ତୋଷ ଜାହିର କରିଥିଲେ। କରୋନା କଟକଣା ସମୟରେ ହୋଟେଲଗୁଡ଼ିକ ବନ୍ଦ ଥିବାବେଳେ ବିଦ୍ୟୁତ୍ ବିଲ୍ ଛାଡ଼ ହୋଇ ନ ଥିଲା। ବକେୟା ବିଲ୍ ଅଧିକ ଆସୁଥିବାରୁ ସେମାନଙ୍କ ପକ୍ଷେ ଏହା ପ୍ରଦାନ କରିବା ସମ୍ଭବ ନୁହେଁ ବୋଲି କହିଥିଲେ। ତେଣୁ ସମସ୍ତ ହୋଟେଲ ପାଇଁ କମର୍ସିଆଲ ଫ୍ଲାଟ ରେଟ୍ ଲଗାଇବାକୁ ବିଦ୍ୟୁତ୍ ବିଭାଗକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ହୋଟେଲଗୁଡ଼ିକୁ ଅଗ୍ନି ନିର୍ବାପକ ପ୍ରମାଣ ପତ୍ର ଦେବାରେ ସୃଷ୍ଟି ହେଉଥିବା ସମସ୍ୟାର ସମାଧାନ କରି ତୁରନ୍ତ ପ୍ରମାଣପତ୍ର ଯୋଗାଇ ଦେବାକୁ ଜିଲାପାଳ ଅଗ୍ନିଶମ ବିଭାଗକୁ କହିଥିଲେ। ଅନୁଗୋଳ ଉପଜିଲାପାଳଙ୍କ ଅଧକ୍ଷତାରେ ଏକ ମଲ୍ଟି ସ୍କ୍ୱାଡ୍ ଗଠନ କରାଯାଇ ଖାଦ୍ୟର ମାନ ପରୀକ୍ଷା କରାଯିବା ସହ ଜିଏସ୍‌ଟି, ହୋଲଡିଂ ଟ୍ୟାକ୍ସ ଓ ବର୍ଜ୍ୟବସ୍ତୁ ପରିଚାଳନାକୁ ତଦାରଖ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ତାଳଚେର ଅତିରିକ୍ତ ଜିଲାପାଳ ରଜନୀକାନ୍ତ ସ୍ୱାଇଁ, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ଅବକାରୀ ଏସ୍‌ପି ବିବେକାନନ୍ଦ ନାୟକ, ଜିଲା ପର୍ଯ୍ୟଟନ ଅଧିକାରୀ ଜଗଦୀଶ ରାୟ, ହୋଟେଲ ସଂଘ ସଭାପତି ଶଙ୍କର ପ୍ରଧାନ, ସମ୍ପାଦକ ଅରବିନ ଚାଉଡା, ସତ୍ୟାନନ୍ଦ ଦଳବେହେରା ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ସାମୂହିକ ବିକାଶରେ କିଶୋରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଢେଙ୍କାନାଳ ଅଫିସ, ୩।୯

ଢେଙ୍କାନାଳ ସହର କୁଞ୍ଜାକାନ୍ତସ୍ଥିତ 'ନ୍ୟୁ ଇଣ୍ଡିଆ' ତାଲିମ ଗୃହ ପରିସରରେ ୩ଦିନ ଧରି ଚାଲିଥିବା କିଶୋର ସ୍ୱାସ୍ଥ୍ୟ ସମ୍ପର୍କିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ରାଷ୍ଟ୍ରୀୟ କିଶୋର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମ୍ୟାନେଜର ସୌମ୍ୟରଞ୍ଜନ ସାମନ୍ତରାୟ ଯୋଗଦେଇ କହିଲେ, ୧୦ରୁ ୧୯ ବର୍ଷ ବୟସର କିଶୋରମାନେ ସାମାଜିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଆନ୍ତି। ସାମାଜିକ ବ୍ୟବସ୍ଥାରେ କିଶୋର ସହାୟକ ବାତାବରଣ ସୃଷ୍ଟି କରିବାକୁ ପ୍ରୟାସ ଜାରି ରହିଛି। ସେମାନଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଦୂର କରିବାକୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଜୀବନଶୈଳୀରେ ପରିବର୍ତ୍ତନ, ଉଚିତ ଶିକ୍ଷା, ନିର୍ଦ୍ଧାରିତ ବୟସ ପରେ ବିବାହ, ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ଅବଗତ କରାଯାଉଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏହାର ସୁଯୋଗ ନେବାକୁ ସେ ପରାମର୍ଶ ଦେଇଥିଲେ। 'ନ୍ୟୁ ଇଣ୍ଡିଆ' ସମ୍ପାଦକ ଶେଷଦେବ ରାଉତ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିବାବେଳେ ମୁଖ୍ୟଅତିଥି ଭାବେ ଆଇନଜୀବୀ ହୃଦାନନ୍ଦ ରାଉତ ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ। ଦେବାଶିଷ ମାନସିଂ, ବଦ୍ରିନାଥ ବରାଳ, ପ୍ରିୟବ୍ରତ ଦାଶ, ବଜ୍ରଭାନୁ ଦେହୁରୀ, ଅମ୍ରିତା ସାହୁ, ଯଶ୍ମିତା ବେହେରା, ରାଜେଶ ରାଉତ, ନିର୍ଲିପ୍ତ ପ୍ରଧାନ, ପ୍ରକଳ୍ପ ସଂଯୋଜକ ନିଗମ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




କିଶୋର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ଅତିଥିଙ୍କ ସମେତ ପ୍ରଶିକ୍ଷାର୍ଥୀମାନେ।

# ଜମିକୁ ମାଡୁନି କେନାଲ ପାଣି

- ଉଦ୍‌ବେଗ ବ୍ୟକ୍ତ କଲେ ଭାଜପା ନେତା
- ସମସ୍ୟା ନେଇ ଚାଷୀଙ୍କ ସହିତ ଆଲୋଚନା

ଭୁବନ, ୩।୯(ଡି.ଏନ୍.ଏ.)



ଭାଜପା ନେତାମାନେ ଚାଷୀଙ୍କ ସହିତ ଆଲୋଚନା କରୁଛନ୍ତି।

ଚଳିତ ବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଢେଙ୍କାନାଳ ଜିଲା ଭୁବନ ଅଞ୍ଚଳରେ ଖରିଫ୍ ଚାଷ ପ୍ରଭାବିତ ହୋଇଛି। କେନାଲ ଥାଇ ଚାଷୀଙ୍କ ଜମିକୁ ପାଣି ମାଡ଼ିପାରୁନି। ଚଳିତ ମାସରେ ଭଲ ବର୍ଷା ନ ହେଲେ ଚାଷ ଉଜୁଡ଼ିଯିବ ବୋଲି ଆଶଙ୍କା ଦେଖାଦେଲାଣି। ଏଭଳି ସମୟରେ ଶୁକ୍ରବାର ଭାଜପା ରାଜ୍ୟ କୃଷକ ମୋର୍ଚ୍ଚ ସଭାପତି ପ୍ରଦୀପ ପୁରୋହିତଙ୍କ ନେତୃତ୍ୱରେ ଦଳୀୟ କାର୍ଯ୍ୟକର୍ତ୍ତାମାନେ ବିଭିନ୍ନ ଅଞ୍ଚଳ ଗସ୍ତ କରି ଚାଷୀଙ୍କ ସହ ଆଲୋଚନା କରିଥିଲେ।

କୁନିନ୍ଦା ପଞ୍ଚାୟତ ଯୋରାଗାଡ଼ିଆ ସମେତ ଆଖପାଖ ଅଞ୍ଚଳର ୨୦୦ ଏକରରୁ ଊର୍ଦ୍ଧ୍ୱ ଜମି ପଡ଼ିଆ ପଡ଼ିଛି। ଚାଷୀମାନେ ସେବା ସମବାୟ ସମିତିରୁ ଋଣ ନେଇ ପ୍ରଥମ ପର୍ଯ୍ୟାୟ ଚାଷ କାମ ସାରିଥିଲେ। ବର୍ଷା ଅଭାବରୁ ରୁଆ ବେଉଷଣ ଆଗକୁ ବଢ଼ିପାରୁ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସେହିପରି ରେଙ୍ଗାଳି ଦକ୍ଷିଣ ପାର୍ଶ୍ୱ କେନାଲରେ ଜଳସ୍ତର କମ୍ ରହିଛି। ଫଳରେ ଢିପ ଜମିକୁ ପାଣି ମାଡୁନାହିଁ। ଚାଷ କାର୍ଯ୍ୟ ଲାଗି ବର୍ଷାଜଳ ଏକ ମାତ୍ର ବିକଳ୍ପ ହୋଇଥିଲେ ହେଁ ଚଳିତ ବର୍ଷ କମ୍ ବୃଷ୍ଟିପାତ ଦାଉ ସାଧୁଛି। ଚାଷୀଙ୍କ ଏଭଳି ସମସ୍ୟାର ସମାଧାନ ଦିଗରେ ପ୍ରଶାସନ ପଦକ୍ଷେପ ନେଉନାହିଁ। ଏହାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏ ଦିଗରେ ରାଜ୍ୟ ସରକାର ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଭାଜପା ନେତାମାନେ ଦାବି କରିଛନ୍ତି।

ଏହି ଅବସରରେ ଦଳର ଏକ ସାଙ୍ଗଠିକ ବୈଠକ ଭୁବନ ଡାକବଙ୍ଗଳାରେ ଅନୁଷ୍ଠିତ ହୋଇଥିଲା। ଭୁବନ ବ୍ଲକର ଚାଷୀଙ୍କୁ କୃଷିଭିତ୍ତିକ କେନ୍ଦ୍ରୀୟ ଯୋଜନାରେ ସାମିଲ କରିବା, ଚାଷ ଓ ଚାଷୀଙ୍କ ଉନ୍ନତି ଲାଗି ଆବଶ୍ୟକ ପଦକ୍ଷେପ ନେବା, ଶୀତଳଭଣ୍ଡାର ସ୍ଥାପନ, କୃଷିଜାତ ଦ୍ରବ୍ୟ ବିକ୍ରି ଲାଗି ବଜାର ବ୍ୟବସ୍ଥା କରିବା ଆଦି ବିଷୟରେ ଆଲୋଚନା ହୋଇଥିଲା। ଏଥିସହ ପଞ୍ଚାୟତ ଏବଂ ଏନ୍‌ଏସି ନିର୍ବାଚନ ଲାଗି ପ୍ରସ୍ତୁତ ରହିବାକୁ କର୍ମୀଙ୍କୁ ଆହ୍ୱାନ ଦିଆଯାଇଥିଲା। ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, ରାମଚନ୍ଦ୍ର ପାତ୍ର, କାମାକ୍ଷା ରଣା, ମହେଶ୍ୱର ସାହୁ, ହୃଷୀକେଶ ଜେନା, ସହଦେବ ପୃଷ୍ଟି, ମନୋଜ ମହାରଣା, ଜୀବନ ମିଶ୍ର, ମାତୃପ୍ରସାଦ ନନ୍ଦ, ପ୍ରେମାନନ୍ଦ ଜେନା ପ୍ରମୁଖ ଆଗାମୀ ଦିନର କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶତ୍ରୁଘ୍ନ ଜେନା, ଭବାନୀ ଶଙ୍କର ବେହେରା, ସନ୍ତୋଷ ସାହୁ, ସମୀର ସାହୁ, ମାୟାଧର ଗୁରୁ, ସୁରେନ୍ଦ୍ର ପୃଷ୍ଟି, ସଞ୍ଜୟ ଦାସ, ଚୈତନ୍ୟ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

